# କଂଗ୍ରେସ କ୍ଷମତାକୁ ଆସିଲେ ୨ଶହ ୟୁନିଟ୍ ବିଦ୍ୟୁତ୍ ମାଗଣା : ପିସିସି ସଭାପତି

## ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ପ୍ରତିବାଦ ସଭା

**ଚଣ୍ଡିଖୋଲ,୧୫।୨(ଡି.ଏନ.ଏ.)**

ରାଜ୍ୟ ସରକାର ନିଜ ମନ୍ତ୍ରୀକୁ ସୁରକ୍ଷା ଦେଇପାରୁନାହାନ୍ତି। ସେ କିଭଳି ଭାବେ ସାଧାରଣ ଜନତାକୁ ସୁରକ୍ଷା ଦେବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶା ଏବେ ସବୁଠୁ ଗରିବ ରାଜ୍ୟରେ ପରିଣତ ହୋଇଛି । ଏଠାରେ ଖଣି ସ୍କାମ୍ ଓ ଚିଟ୍‌ଫଣ୍ଡ ଠକେଇ ଭଳି ବିଭିନ୍ନ ଦୁର୍ନୀତିରେ ସରକାର ବୁଡ଼ି ରହିଛନ୍ତି। ଗରିବ ଚାଷୀର ସମସ୍ୟା ସମାଧାନ କରିବାରେ ସରକାର ବିଫଳ ହୋଇଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ଗରିବ ଲୋକଙ୍କୁ ୨ଶହ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ଘୋଷଣା କରିଛନ୍ତି।

ବୁଧବାର ଯାଜପୁର ଜିଲା ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦୁର୍ନୀତି ବିରୋଧରେ ବଡ଼ଚଣା ବ୍ଲକ୍ କଂଗ୍ରେସ ତରଫରୁ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ଯୋଗଦେଇ ପିସିସି ସଭାପତି ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗ ଉଠାଇ କଡ଼ା ସମାଲୋଚନା କରିଥିଲେ। ପୂର୍ବତନ



କଂଗ୍ରେସର ପ୍ରତିବାଦ ସଭାରେ ପିସିସି ସଭାପତି ଶରତ ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟ ନେତାମାନେ।

ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶା ପ୍ରଦେଶ କଂଗ୍ରେସର ପ୍ରଭାରୀ ଡା. ଚେଲ୍ଲା କୁମାର ଯୋଗଦେଇ ଯେଉଁ ଜିଲାରେ ଆମେ ଠିଆ ହୋଇଛୁ ସେହି ଜିଲାର ଆରାଧ୍ୟା ଦେବୀ ମା' ବିରଜାଙ୍କ ମୂର୍ତ୍ତି ବଦଳ ଘଟଣା ଘଟିଥିଲା ଏହି ନବୀନ ସରକାରଙ୍କ ସମୟରେ। ତା'ର ଆର୍‌ଡିସି ତଦନ୍ତ କରାଗଲା, କିନ୍ତୁ କିଛି ଫଳ ମିଳିଲା ନାହିଁ। ସେହିଭଳି କଳିଙ୍ଗନଗରଠାରେ ଗୁଳିକାଣ୍ଡରେ ୧୩ଜଣ ଆଦିବାସୀଙ୍କ ମୃତ୍ୟୁ ଘଟିଥିଲା, ମାହାଙ୍ଗା ଡବଲ ମର୍ଡର ଓ ଧର୍ମଶାଳାର ସ୍ମିତାରାଣୀ ଘଟଣାରେ ବିଜେଡି ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ସେହିଭଳି ନବ ଦାସ ହତ୍ୟା ଘଟଣା ପଛରେ କିଏ ଅଛି ତା'ର ଖୁଲାସା ହେବା ଦରକାର। ବିଜେଡି ସରକାର ଅମଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ସେ ପ୍ରକାଶ କରିଥିଲେ। ବଡ଼ଚଣାର ଯୁବନେତା କ୍ୟାପେଟ୍‌ନ୍ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ପ୍ରତିବାଦ ସଭାରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଯୋଗଦେଇ କହିଲେ, ଏଠାରେ ଗଣତନ୍ତ୍ର ସୁରକ୍ଷିତ ନୁହେଁ। ଦୀର୍ଘ ବର୍ଷ ଧରି ବିଜେଡି ଶାସନରେ ମୁଁ ଅମଲା ଭାବେ କାମ କରିଥିଲେ ମଧ୍ୟ କେତେଜଣ ମୁଷ୍ଟିମେୟ ଲୋକ ଓଡ଼ିଶାକୁ ଲୁଟିବା ଆରମ୍ଭ କରିଛନ୍ତି। ଯେଉଁଥିପାଇଁ ଓଡ଼ିଶାରେ ଓଡ଼ିଆମାନେ ନିର୍ଯାତିତ। ଓଡ଼ିଆମାନେ ବାହାର ରାଜ୍ୟରେ ଯାଇ ଦାଦନ ଖଟୁଥିଲା ବେଳେ ଏଠାରେ କଳ କାରଖାନାରେ ଅନ୍ୟ ରାଜ୍ୟର ଲୋକଙ୍କୁ ନିଯୁକ୍ତି ମିଳୁଛି । ଏପରିକି ଓଡ଼ିଶାରେ ଠିକାଦାରି ଏବେ ବାହାର ରାଜ୍ୟର ଠିକାଦାରଙ୍କ କବ୍‌ଜାରେ ରହିଛି । ତୁରନ୍ତ ଏହାର ପୂର୍ଣ୍ଣଚ୍ଛେଦ ପଡ଼ିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ରାଜ୍ୟ ସରକାର କେବଳ ମଦକୁ ପ୍ରୋତ୍ସାହନ ଦେଇ ସେଥିରୁ ବାର୍ଷିକ ୭ହଜାର କୋଟି ଟଙ୍କା ଆୟ କରୁଛନ୍ତି। ଏଠି ଚାଷୀ ମରୁଛନ୍ତି, ଗରିବ ଲୋକ ବି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ମଣିଷ କାମ କରିବା ବଦଳରେ ମେଶିନ୍ କାମ କରୁଛି। ଚାଷୀ ଧାନ ବିକ୍ରୟ କରିପାରୁ ନାହିଁ, ମିଲରମାନେ ରାକ୍ତୁତି କରୁଛନ୍ତି । କେବଳ ଡାକ୍ତରଖାନା ଖୋଲିଥିଲେ ମଧ୍ୟ ଡାକ୍ତର ନାହାନ୍ତି। ଏ ହେଉଛି ଓଡ଼ିଶାର ବାସ୍ତବ ଚିତ୍ର ବୋଲି ସେ କହିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସଦସ୍ୟ ଶରତ ରାଉତ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜ୍, ପିସିସି ସମ୍ପାଦକ ଜ୍ଞାନଦେବ ବେହୁରା, କଟକ ଜିଲା ସଭାପତି ମନୋଜ ଚୌଧୁରୀ,ଭୁବନେଶ୍ୱର ଜିଲା ସଭାପତି ବିଶ୍ୱଜିତ୍ ଦାସ, କିଷାନ ପଣ୍ଡା, ଅନୀଲ କୁମାର ମହାନ୍ତି, ଲୀଳାବତୀ ସ୍ୱାଇଁ, ସଂଗ୍ରାମ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବଡ଼ଚଣା ବ୍ଲକ୍ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିଲା ବେଳେ ନିରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ୟାପଟେନ୍ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଏକ ବିଶାଳ ରାଲି ଚଣ୍ଡିଖୋଲରୁ ବାହାରି ବଡ଼ଚଣା ଛକ ଦେଇ ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶୁଭମ୍



@ ଲିପି



@ ସ୍ୱାଗତିକା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରେଳ ଲାଇନରୁ ମୃତଦେହ ଜବତ

**କେନ୍ଦ୍ରାପଡ଼ା ଅଫିସ, ୧୫।୨:**

କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ନିକଟସ୍ଥ ହରିଦାସପୁର-ପାରାଦୀପ ରେଳ ଲାଇନରୁ ବୁଧବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ପ୍ରାଥମିକ ତଦନ୍ତ ସମୟରେ ଏହି ଯୁବକ କେନ୍ଦ୍ରାପଡ଼ା ସହର ବଡହାଟ ଗ୍ରାମର ଘନଶ୍ୟାମ ସାହୁଙ୍କ ପୁଅ କିଶୋର ବୋଲି ସୂଚନା ମିଳିଛି। ଏହି ଘଟଣାରେ ସଦର ଥାନା ଓ ରେଳବାଇ ପୋଲିସ ପକ୍ଷରୁ ମୃତଦେହ ଜବତ ସହ ତଦନ୍ତ ଆରମ୍ଭ ହୋଇଛି। ତେବେ ମୃତ୍ୟୁର କାରଣ ଅଦ୍ୟାବଧି ଜଣାପଡି ନ ଥିବା ସଦର ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

# ଟିର୍ତ୍ତୋଲ ବିଧାୟକଙ୍କୁ ଗିରଫ ଦାବିରେ ମହିଳା କଂଗ୍ରେସର ବିକ୍ଷୋଭ




ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ଟିର୍ତ୍ତୋଲ, ୧୫।୨(ଡି.ଏନ.ଏ.)**

ପ୍ରେମିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଦେବା ଅଭିଯୋଗ ମାମଲାରେ ବିଧାୟକ ବିଜୟ ଶଙ୍କର ଦାସଙ୍କୁ ଗିରଫ ଦାବି କରି ବୁଧବାର ଟିର୍ତ୍ତୋଲ ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି। ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ମୁଖପାତ୍ର ଇଂ.ହିମାଂଶୁ ଭୂଷଣ ମଲ୍ଲିକଙ୍କ ଆହ୍ୱାନକ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଟିର୍ତ୍ତୋଲ ବ୍ଲକ ମହିଳା କଂଗ୍ରେସ ସଭାପତି ଅନୁସୂୟା ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଧାୟକ ଦାସଙ୍କ ଗିରଫ ଦାବିରେ ଟିର୍ତ୍ତୋଲ ବଜାରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଟିର୍ତ୍ତୋଲ କଲେଜ ଛକଠାରୁ ଏକ ଶୋଭାଯାତ୍ରାରେ ମହିଳାକର୍ମୀମାନେ ବିଧାୟକଙ୍କ ବିରୋଧରେ ବିଭିନ୍ନ ନାରାଦେଇ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ

## କୁଶପୁତ୍ତଳିକା ଦାହ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବିଧାୟକ ଦାସଙ୍କ କୁଶ ପୁତ୍ତଳିକା ଦାହ କରାଯିବ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅମୂଲ୍ୟ କୁମାର ସାହୁଙ୍କୁ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପିସିସି ସଭ୍ୟା ପ୍ରତିମା ମଲ୍ଲିକ, ଦୀପ୍ତିମୟୀ ପ୍ରଧାନ, ନଚିକେତା ଦାସ, ସୁନିଶ୍ଚିତା ରାଉତ, ସରୋଜିନୀ ପରିଜା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ଜିଲା କଂଗ୍ରେସ ଉପ ସଭାପତି ସର୍ବେଶ୍ୱର ପଣ୍ଡା , ପୂର୍ବତନ ପୌରାଧ୍ୟକ୍ଷ ବିପ୍ଲବ ଚୌଧୁରୀ, ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: କେନ୍ଦ୍ରାପଡ଼ାର ଚାନ୍ଦ କ୍ଲବ ଚାମ୍ପିୟନ

**କେନ୍ଦ୍ରାପଡ଼ା ଅଫିସ,୧୫।୨:**

କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ ଆଜାଦ କ୍ଲବ ପକ୍ଷରୁ ଆୟୋଜିତ ଅବୁ ୱାହିଦ ମେମୋରିଆଲ ଜାତୀୟ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ କେନ୍ଦ୍ରାପଡ଼ାର ଚାନ୍ଦ କ୍ଲବ ଝାଡଖଣ୍ଡ ରାଜ୍ୟର ଧାନବାଦ ଏଫସିକୁ ୨-୦ଗୋଲରେ ପରାଜିତ କରି ଚାମ୍ପିୟନ ହୋଇଛି। ଏହି ଉପଲକ୍ଷେ କ୍ଲବ ସଭାପତି ହିଫଜୁର ରହେମାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ ଯୋଗଦେଇ ଚାନ୍ଦ କ୍ଲବ କେନ୍ଦ୍ରାପଡ଼ାକୁ ଚାମ୍ପିୟନ ଟ୍ରଫି, ଝାଡଖଣ୍ଡର ଧାନବାଦ ଏଫସିକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଚାନ୍ଦ କ୍ଲବର ମହମ୍ମଦ ଆଫ୍ରିଦିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଧାନବାଦ ଏଫସିର ଫିରୋଜଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବର ଉପସଭାପତି ମହମ୍ମଦ ନିଆଜ, ସହ ସମ୍ପାଦକ ମୀର ବକାଉଲ୍ଲା, ସୟଦ ଅବଦୁଲ ସତାର ପ୍ରମୁଖ ଏହି ସଭାରେ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଫୁଟବଲ ମ୍ୟାଚକୁ ରେଫରି ଭାବେ ସେକ ମୋକିମ, ମହମ୍ମଦ ସକଲିମ, ଯୋଗି ପଲାଲା ଓ ଶିବ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଜାହିଦ ଖାଁ, ଅୟାଜ ଖାନ, ଅବଦୁଲ ମଜିଦ, ଆଖାରୁଦ୍ଦିନ ଖାନ, ସମସୁର ରହେମାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ବଳାତ୍କାରୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

## ୨୦ହଜାର ଟଙ୍କା ଜରିମାନା

**ଯାଜପୁର ଟାଉନ,୧୫।୨(ଡି.ଏନ.ଏ.)**

ଜଣେ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି । ଆଡ଼ହକ୍ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟର ବିଚାରପତି ଜିତେନ୍ଦ୍ର ମୋହନ ବେହେରା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ଫେବୃୟାରୀ ୧୫ରେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ୫ ବର୍ଷିୟା ନାବାଳିକା ତାଙ୍କ ଘର ପାଖରେ ଖେଳୁଥିଲେ । ଏହି ସମୟରେ ଅଭିଯୁକ୍ତ ଅଚ୍ୟୁତାନନ୍ଦ ପରିଡ଼ା ଓରଫ ରମେଶ ତାଙ୍କୁ ବିସ୍କୁଟ ଦେବା ବାହାନାରେ ଟେକିନେଇ ଅସଦାଚରଣ କରିଥିଲେ। ଏହି ଦୃଶ୍ୟକୁ କେହି ମୋବାଇଲ୍‌ରେ ଫଟୋ ଉଠାଇ ଓ ଭିଡିଓ କରି ଭାଇରାଲ କରିଥିଲେ। ଶିଶୁ ଏବଂ ମାନବଧିକାର କମିଶନ ଅଧ୍ୟକ୍ଷା ଉକ୍ତ ଫଟୋ ଓ ଭିଡିଓକୁ ଦେଖିଲା ପରେ ବାଲିଚନ୍ଦ୍ରପୁର ଥାନାରେ ଏତଲା କରିବାକୁ ଜଣେ ସଦସ୍ୟାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଏତଲାକୁ ଭିତ୍ତି କରି ବାଲିଚନ୍ଦ୍ରପୁର ଥାନା ଅଧିକାରୀ ଥାନାରେ ଏକ ମାମଲା(ନଂ.୮୭/୧୭) ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୧ଜଣଙ୍କ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି କୋର୍ଟ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା ପାଇଁ ରାୟ ପ୍ରକାଶ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ କହିଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଶୈଳେନ୍ଦ୍ର କୁମାର ସାମଲ ଉକ୍ତ ମାମଲା ପରିଚାଳନା କରିଥିଲେ ।

# ସ୍ୱାମୀଙ୍କ ମୃତ୍ୟୁର ଦଶାହରେ ଶୁଭଶ୍ରୀଙ୍କୁ ସ୍ତ୍ରୀର ପରିଚୟ

**କେନ୍ଦ୍ରାପଡ଼ା ଅଫିସ, ୧୫।୨:**

ଶାଶୁଘର ଲୋକ ବହୂଙ୍କୁ ସ୍ୱୀକାର କରୁ ନ ଥିଲେ। ଏପରିକି ୨ ଝିଅଙ୍କୁ ଘରେ ରଖିଥିବା ବେଳେ କେନ୍ଦ୍ରାପଡ଼ା ବ୍ଲକ ବଡଗରା ଗାଁର ମନୋଜ ରାଉତଙ୍କ ସ୍ତ୍ରୀ ଶୁଭଶ୍ରୀ ପାତ୍ରଙ୍କୁ ଯୌତୁକ ନିର୍ଯାତନା ଦେଇ ଘରୁ ବାହାର କରି ଦେଇଥିଲେ। ତେବେ ସ୍ୱାମୀଙ୍କ ମୃତ୍ୟୁର ଦଶାହ କାର୍ଯ୍ୟରେ ଶାଶୁଘର ଲୋକ ବୋହୂ ଭାବେ ଶୁଭଶ୍ରୀଙ୍କୁ ସ୍ୱୀକାର କରି ସଂସ୍କାର କାର୍ଯ୍ୟରେ ସାମିଲ କରାଇଛନ୍ତି। ଯାହା ଏବେ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ମନୋଜ ଓ ଶୁଭଶ୍ରୀଙ୍କ ବିବାହ ୨୦୧୩ ମସିହାରେ ହୋଇଥିଲା। ଉଭୟଙ୍କର ୪ ଓ ୬ ବର୍ଷର ଝିଅ ଅଛି। ତେବେ ମନୋଜ ଦୁବାଇ ଯାଇଥିବା ବେଳେ ୨ ଝିଅ ଜନ୍ମକୁ ନେଇ ପରିବାର ବର୍ଗ ଅସନ୍ତୁଷ୍ଟ ହେବା ସହ କିଛିମାସ ପୂର୍ବେ ଘରୁ ବାହାର କରି ଦେଇଥିଲେ। ଗତ ୬ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ମନୋଜଙ୍କ ମୃତ୍ୟୁ ହୋଇଥିଲା। ଏହି ସଂସ୍କାର କାର୍ଯ୍ୟରେ ଯୋଗଦେଇ କାର୍ଯ୍ୟ ସମାପନ କରିବାକୁ ପରିବାର ଲୋକ ଶୁଭଶ୍ରୀଙ୍କୁ ବିରୋଧ କରିଥିଲେ। ସଂସ୍କାର କାର୍ଯ୍ୟରେ ସାମିଲ ହେବା ପାଇଁ ଶୁଭଶ୍ରୀ ଗ୍ରାମବାସୀଙ୍କୁ ଅନୁରୋଧ କରିବା ସହ ଜିଲାପାଳ ଏଥିରେ ହସ୍ତକ୍ଷେପ ପାଇଁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବୁଧବାର ପୂର୍ବାହ୍ନରେ ଶାଶୁଘର ଲୋକ ସଂସ୍କାର କାର୍ଯ୍ୟରେ ସାମିଲ କରାଇ ଥିବାରୁ ଶୁଭଶ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି।

# ସୁସ୍ଥ ଗଣତନ୍ତ୍ର ପାଇଁ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଡେରାବିଶ କଲେଜରେ ଜିଲାସ୍ତରୀୟ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

**ଡେରାବିଶ, ୧୫।୨(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ନେହେରୁ ଯୁବକେନ୍ଦ୍ର ଓ ଡେରାବିଶ କଲେଜ ଯୁବ ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ବୁଧବାର କଲେଜ ପରିସରରେ କେନ୍ଦ୍ରାପଡ଼ା ଜିଲାସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ଯୋଗଦେଇ ସମୃଦ୍ଧ ଭାରତ ଗଠନ ଦିଗରେ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି କରିବାକୁ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜାତୀୟ ଯୁବ ଯୋଜନାର ମୁଖ୍ୟ ସଂଯୋଜକ ମଧୁସୂଦନ ଦାସ ଯୋଗଦେଇ ଓଡ଼ିଶାର ପୁର୍ନନିର୍ମାଣ ପାଇଁ ଯୁବ ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ନେହେରୁ ଯୁବକେନ୍ଦ୍ରର ମୁଖ୍ୟ ସଂଯୋଜକ ଗୋଲି ତିରୁପତି ରେଡ୍ଡି, ଡ. ବୀରେନ୍ଦ୍ର କୁମାର ଦାସ, ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ ପ୍ରତ୍ୟେକ ଯୁବକ ନିଜକୁ ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳିବା ସହ ସମୃଦ୍ଧ ଭାରତ ଗଠନ କରିବାରେ ସହାୟକ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଗୁରୁଚରଣ ସେଠୀ ସ୍ୱାଗତ ଭାଷଣ, ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ଓ ଯୁବକେନ୍ଦ୍ରର ସଂଯୋଜକ ଲକ୍ଷ୍ମିକାନ୍ତ ଜେନା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଳକା ରାଉତ, ନମିତା ମହାରଣା, ହରପ୍ରିୟା ଦାସ, ଭବାନୀ ଶଙ୍କର ହୋତା, ଅମ୍ରିତା ମଲିକ ପ୍ରମୁଖ ବହୁ ଯୁବ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଶଣ କରାଯାଇଥିଲା।

# ଜିଲାରେ ରାଲି, ଆନ୍ଦୋଳନ, ରାଜ୍ୟପାଳଙ୍କୁ ଦାବିପତ୍ର

## ସିଟି ହସ୍ପିଟାଲ, ମେଡିକାଲ କଲେଜ ଦାବି ତେଜୁଛି

**କେନ୍ଦ୍ରାପଡା ଅଫିସ/ରାଜକନିକା, ୧୫।୨ (ଡି.ଏନ୍.ଏ.)**

ସ୍ୱାସ୍ଥସେବା ବିପର୍ଯ୍ୟୟ ସମାଧାନ ପାଇଁ ଜିଲାବାସୀଙ୍କ ଜିଦ ବଢ଼ିଯାଇଛି। ତୃଣମୂଳ ସ୍ତରରୁ ରାଜଧାନୀ ପର୍ଯ୍ୟନ୍ତ ଏହାର ପ୍ରଭାବ ବୁଧବାର ଦେଖିବାକୁ ମିଳିଛି। ସହରର ଖଡିଅଙ୍ଗସ୍ଥ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ଭିତ୍ତିଭୂମିରେ ସିଟି ହସ୍ପିଟାଲ ସ୍ଥାପନ ଓ ଜିଲାରେ ମେଡ଼ିକାଲ କଲେଜ ଘୋଷଣା ଦାବି ସବୁଠି ଚର୍ଚ୍ଚାର ପ୍ରଥମ ଶିରୋନାମା ହୋଇଛି। ମେଡ଼ିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜାନୁଆରୀ ୯ରୁ ଆନ୍ଦୋଳନ, ୧୭ ତାରିଖରେ କେନ୍ଦ୍ରାପଡ଼ା ସହର ବନ୍ଦ ପରେ ୨୪ରୁ ଅଦ୍ୟାବଧି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଚାଲିଛି। ତେବେ ଏହି ଆନ୍ଦୋଳନ ଏବେ ବ୍ୟାପକ କରାଯାଇଛି। କମିଟି ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ସ୍ମାରକପତ୍ର



ମେଡିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯାଉଛି ।

ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସିଟି ହସ୍ପିଟାଲର ଆବଶ୍ୟକତା ସମ୍ପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା ହୋଇଛି। ଆଲୋଚନାରେ ଶିକ୍ଷାବିତ୍ ହେମନ୍ତ ଜେନା, କାଉନସିଲର ରଶ୍ମିତା ସିଂହ, ଭାଜପା ନେତା ସଲିମ ଖାଁ, କମ୍ୟୁନିଷ୍ଟ ନେତା ଗୟାଧର ଧଳ ପ୍ରମୁଖ ଯୋଗ ଦେଇଥିଲେ। ଅପରପକ୍ଷରେ କମିଟି ପକ୍ଷରୁ ମେଡ଼ିକାଲ କଲେଜ ଓ ସିଟି ହସ୍ପିଟାଲ ଦାବି କରି ରାଜକନିକାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ମେଡିକାଲ ଛକ ପର୍ଯ୍ୟନ୍ତ ବିଶାଳ ମଟର ସାଇକେଲ ରାଲି କରିଛନ୍ତି। ଏଥିସହ ମେଡିକାଲ ଛକସ୍ଥ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ ନିକଟରେ ଏକ ପ୍ରତିବାଦ ସଭା ହୋଇଛି। ଏହି ରାଲି ପୂର୍ବାହ୍ନ ୯ଟାରେ ରାଜକନିକାସ୍ଥିତ ଶହୀଦ ପୀଠରୁ ଆରମ୍ଭ ହୋଇଥିଲା। ପରେ ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ, ସହରର ତିନିମୁହାଣୀ ଓ ଶେଷରେ ମେଡ଼ିକାଲ ଛକରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। କମିଟି କର୍ମକର୍ତ୍ତା ଶିକ୍ଷାବିତ୍ ଅଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଫକୀର ଖଟୁଆ, ପ୍ରଦୀପ ଦାଶ, ବିଧୁଭୂଷଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

ସେମାନେ କହିଥିଲେ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜାନୁୟାରୀ ପ୍ରଥମ ସପ୍ତାହରେ ଶାମଗୁଡିଆକୁ ଖଡିଅଙ୍ଗରୁ ଉଠାଇ ନିଆଯାଇଛି। ଏହି ପୁରୁଣା ଭିତ୍ତିଭୂମିରେ ୧୯୫ ଶଯ୍ୟା ଥାଇ ରୋଗୀ ସେବା ହେଉଥିଲା। ଏବେ ଏହି ଭିତ୍ତିଭୂମି ଅଲୋଡା ହୋଇପଡିଛି। ସହରର ଲୋକ ସଂଖ୍ୟା ୬୦ ହଜାରରୁ ଅଧିକ ହୋଇଥିବା ବେଳେ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ସହରର ଶେଷ ମୁଣ୍ଡ ପର୍ଯ୍ୟନ୍ତ ୧୦ କିଲୋମିଟରୁ ଅଧିକ ହୋଇଛି। ପୁରୁଣା ଭିତ୍ତିଭୂମି ଉପରେ ସିଟି ହସ୍ପିଟାଲ ସ୍ଥାପନ କରାଗଲେ ସହରର ୨୧ ୱାର୍ଡବାସୀଙ୍କ ସହ ଆଖପାଖ ୮ଟି ପଞ୍ଚାୟତବାସୀ ଉପକୃତ ହେବେ। ସେହିପରି କେନ୍ଦ୍ରାପଡ଼ା ଜିଲାର ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ ପାଇଁ ମେଡ଼ିକାଲ କଲେଜର ଆବଶ୍ୟକତା ଅଛି। କେନ୍ଦ୍ରାପଡ଼ାର ୩ ପାର୍ଶ୍ୱରେ ପଡୋଶୀ ଜଗତ୍‌ସିଂହପୁର, ଭଦ୍ରକ, ଯାଜପୁର ଓ କଟକ ଜିଲା ଅଛି। ପଡୋଶୀ ଜିଲାଗୁଡିକର ଶିଳ୍ପ ଅଗ୍ରଗତି ପାଇଁ କେନ୍ଦ୍ରାପଡ଼ା ଜିଲାର ପରିବେଶ ପ୍ରଦୂଷିତ ହେଉଛି। ଫଳରେ ରୋଗ ଓ ଦୁର୍ଘଟଣାରେ କେନ୍ଦ୍ରାପଡ଼ାବାସୀଙ୍କ ଜୀବନ ଯାଉଛି। ଶାସକ ଦଳ ଏହି ଜିଲାକୁ ସ୍ୱର୍ଗତ ବିଜୁବାବୁଙ୍କ ରାଜନୈତିକ କାର୍ଯ୍ୟସ୍ଥଳୀ ପ୍ରଚାର କରୁଥିବା ବେଳେ ଏହାର ବିକାଶ ପ୍ରତି କୌଣସି ଧ୍ୟାନ ଦେଉନାହିଁ। ରାଜନୈତିକ ଚିଠାରେ ପ୍ରସ୍ତାବ ପାରିତ ହେଉଥିଲେ ମଧ୍ୟ ଜିଲା ସ୍ୱାସ୍ଥ୍ୟସେବା ଏକ ବିପର୍ଯ୍ୟସ୍ତ ପରିସ୍ଥିତି ସୃଷ୍ଟି କରିଛି। ଏହାର ନିରାକରଣ ପାଇଁ ମେଡ଼ିକାଲ କଲେଜ ଓ ସିଟି ହସ୍ପିଟାଲ ଅତି ଆବଶ୍ୟକ। ଏହି ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ଓ ତୀବ୍ର ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି।

# ଗ୍ରୀଷ୍ମ ଆରମ୍ଭରୁ ପାନୀୟଜଳ ସମସ୍ୟା ଉତ୍କଟ

ନୟାଗଡ଼ ଅଫିସ,୧୫।୨

- ମହାନଦୀର ପାଣି ଶୋଷ ମେଣ୍ଟାଇ ପାରୁନି
- ନାହିଁ ସମୟ ନିର୍ଘଣ୍ଟ, ମନଇଚ୍ଛା ପାଣି ଆସୁଛି
- ନୟାଗଡ଼ ସହରବାସୀ କଲବଲ


ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ନୟାଗଡ଼ ପୁରୁଣା ସହରର ୫୭ ନଂ. ଜାତୀୟ ରାଜପଥ କଡ଼ରେ ପାଇପ ପଡ଼ି ରହିଛି।

ମହାନଦୀରୁ ପାଣି ଆସୁଥିଲେ ମଧ ନୟାଗଡ଼ ସହରବାସୀଙ୍କ ଶୋଷ ମେଣ୍ଟାଇ ପାରୁନାହିଁ। ବରଂ ଗ୍ରୀଷ୍ମ ଋତୁର ଆରମ୍ଭରୁ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଲାଣି। ଗ୍ରୀଷ୍ମ ଋତୁ ଆରମ୍ଭରୁ ସହରବାସୀ ଠିକ୍‌ରେ ପାଣି ପାଉ ନ ଥିବା ଅଭିଯୋଗ ହେଉଛି। ଆଗକୁ ଅବସ୍ଥା ଭୟଙ୍କର ହେବ ବୋଲି ସହରବସୀ ଆଶଙ୍କା ପ୍ରକାଶ କରୁଛନ୍ତି। ନୟାଗଡ଼ ଏନ୍‌ଏସି ପଦୋନ୍ନତି ପାଇ ମ୍ୟୁନସିପାଲିଟି ହେଲା। ହେଲେ ନୟାଗଡ଼ ସହରରୁ ପାନୀୟଜଳ ସମସ୍ୟା ଦୂର ହୋଇପାରିଲାନାହିଁ। ସହରର ସବୁ ୱାର୍ଡରେ ପାଇପଲାଇନ୍ ନାହିଁ। ପୁରୁଣା ଏନ୍‌ଏସି ଅଞ୍ଚଳରେ ଥିବା ପାଇପଲାଇନ୍‌ରେ ଦିନକୁ ଥରେ ପୁଣି ପୂର୍ବାହ୍ନରେ ପାଣି ଆସିଥାଏ। ଏହି ପାଣି କେତେବେଳେ ଆସେ ଲୋକମାନେ ସାଧାରଣତଃ ଜାଣି ପାରି ନ ଥାନ୍ତି। ପାଣି ଯୋଗାଣର ସମୟ ନିର୍ଘଣ୍ଟ କରାଯାଉନାହିଁ। ଫଳରେ ସହରବାସୀ ପାଣି ରଖିବା, ସକାଳର ନିତ୍ୟକର୍ମ ପାଇଁ ପାଣି ନ ପାଇ ହଟହଟା ହୋଇ ଆସୁଛନ୍ତି। ଏପରି କି ଦିନେ ଦିନେ ପାଣି ଆଦୌ ଆସୁନାହିଁ।

## ବାରମ୍ବାର ପାଣି ମୋଟର ଅଚଳ

କଣ୍ଟିଲୋ ମହାନଦୀଠାରେ ନୟାଗଡ଼ ସହରକୁ ଯୋଗାଣ ହେଉଥିବା ପାନୀୟଜଳ ପାଇଁ ୩ଟି ପାଣି ମୋଟର ଲାଗିଛି। ଏଥିରୁ ୨ଟି ସଚଳ ଥିଲେ ପାଣି ଯୋଗାଣରେ ଅସୁବିଧା ହୁଅନ୍ତା ନାହିଁ। ତେବେ ମୋଟରଗୁଡିକ ପୁରୁଣା ହୋଇଯିବାରୁ ଅଧିକାଂଶ ସମୟ ଅଚଳ ହୋଇଯାଉଛି। ପୁଣି ଏହାର କାରିଗର କୋଲକତାରୁ ଆସିବାକୁ ପଡୁଛି। ନୂଆ ପାଣି ମୋଟର ଲଗାଇଲେ ସମସ୍ୟା ସୁଧୁରି ଯାଆନ୍ତା ବୋଲି କୁହାଯାଉଛି। ହେଲେ ନୂଆ ମୋଟର ମଧ ଠିକ୍‌ରେ ମିଳୁନି। ଏବେ ୩ଟି ମୋଟରରୁ ୨ଟି ଅଚଳ ହୋଇଯିବାରୁ ପୁଣି ପାଣି ସମସ୍ୟା ଉତ୍କଟ ହୋଇଛି ।

## ମୋଟର ଶୋଷୁଛି ପାଣି

ନୟାଗଡ଼ ସହର ପାଇଁ ୪୫ ଲକ୍ଷ ଲିଟର ପାଣି ଆବଶ୍ୟକ। ହେଲେ ୩୦ ଲକ୍ଷ ଲିଟର ପାନୀୟଜଳ ପାଇପ ଯୋଗେ ଆସୁଛି। ଦିନକୁ ଥରେ ଯୋଗାଣ ହେଉଥିବା ପାଣି ସମସ୍ତଙ୍କ ଘରେ ପହଞ୍ଚୁନି। ଉପର ମୁଣ୍ଡରେ ଥିବା ପରିବାର ମୋଟର ଲଗାଇ ପାଣିକୁ ଶୋଷି ନେଉଛନ୍ତି। ବୁଝିବାରେ ଜଣାପଡିଛି, ପ୍ରାୟ ୮୭ ପ୍ରତିଶତ ଲୋକଙ୍କ ଘରେ ପାଣି ମୋଟର ଲାଗିଛି। ଆବଶ୍ୟକତାଠାରୁ ଅଧିକ ପାଣି ସ୍ୱଳ୍ପ ସମୟ ମଧରେ ସଂଗ୍ରହ କରାଯାଇ ଷ୍ଟକ କରି ଲୋକେ ରଖୁଛନ୍ତି। ପୁଣି ପାଣିକୁ ବିଭିନ୍ନ ସମୟରେ ଅପଚୟ କରୁଥିବା ଦେଖାଯାଉଛି। ଏଣୁ ମୋଟର ନ ଥିବା ଗ୍ରାହକମାନେ ପାଣି ନ ପାଇ ହଟହଟା ହେଉଛନ୍ତି। ବେଆଇନ ପାଣି ମୋଟର ବ୍ୟବହାର ନେଇ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା କି ଚଢ଼ାଉ ନାହିଁ। ଏଣୁ ସହରରେ କୃତ୍ରିମ ପାନୀୟ ଜଳ ସଙ୍କଟ ଦେଖାଦେଇଛି।

## ମେଗା ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ ହେଉନି

ପାନୀୟଜଳ ସ୍ଥିତିରେ ସୁଧାର ଆଣିବାକୁ ୫୨ କୋଟି ଟଙ୍କାର ମେଗା ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି। ଏଯାବତ ନୟାଗଡ଼ ସହର ଭିତରେ ପାଇପ ପକା ଶେଷ ହୋଇନାହିଁ। କାର୍ଯ୍ୟ ଧୀମେଇ ଚାଲିଥିବାରୁ ୨୦୨୩ ଶେଷ ସୁଦ୍ଧା ପାନୀୟ ଜଳ ଘରେ ଘରେ ପହଞ୍ଚିବାର ଆଶା ଦେଖାଯାଉନି। ୨୦୨୪ରେ ମେଗା ପ୍ରକଳ୍ପରୁ ପାନୀୟ ଜଳ ଯୋଗାଣ ଘରକୁ ଘର ହୋଇପାରେ। ଅନ୍ୟପକ୍ଷେ ପାନୀୟ ଜଳ ପାଇଁ ବିଦ୍ୟୁତ୍ ବାଧକ ସାଜୁଛି। ଲୋଡ଼ ଅଧିକ, ବର୍ଷା ପବନ ହେଲେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଛି। ମେଗା ପ୍ରକଳ୍ପରେ ମଧ ସେଇ ଏକା ଅବସ୍ଥା ରହିବ ବୋଲି କୁହାଯାଉଛି।

## ଜନସ୍ୱାସ୍ଥ୍ୟ ଡିଭିଜନ କାର୍ଯ୍ୟାଳୟ ଦାବି

ପୁରୀ ଜିଲାରୁ ଅଲଗା ହେବା ପରେ ନୟାଗଡ଼ ଜିଲାରେ ବିଭିନ୍ନ କାର୍ଯ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ଖୋଲି ସାରିଲାଣି। ତେବେ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ନୟାଗଡ଼ ଅବହେଳିତ ଓ ଉପେକ୍ଷିତ ହୋଇଛି। ପୁରୀ ଜିଲାରୁ ପୃଥକ୍ ହେବା ପରେ ନୟାଗଡ଼, ରଣପୁର, ଖଣ୍ଡପଡ଼ା, ଦଶପଲ୍ଲା, ଓଡ଼ଗାଁ ସହର ଭୁବନେଶ୍ୱର ଜନସ୍ୱାସ୍ଥ୍ୟ ଡିଭିଜନକୁ ଚାଲି ଯାଇଛି। ନୟାଗଡ଼ରେ ଜନସ୍ୱାସ୍ଥ୍ୟ ଡିଭିଜନ ଖୋଲିଲେ ପାଣି ସମସ୍ୟାରେ ଅସୁବିଧା ହେବନି ବୋଲି କୁହାଯାଉଛି। ଏଣୁ ଜିଲାବାସୀଙ୍କ ପକ୍ଷରୁ ନୟାଗଡ଼ରେ ଜନସ୍ୱାସ୍ଥ୍ୟ ଡିଭିଜନ କାର୍ଯ୍ୟାଳୟ ପାଇଁ ଦାବି ଉଠିଛି। ନୟାଗଡ଼ ଜନସ୍ୱାସ୍ଥ୍ୟ ସବ୍‌ଡିଭଜନ କାର୍ଯ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ସାହୁଙ୍କୁ ପଚାରିବାରେ ବାରମ୍ବାର ବିଦ୍ୟୁତ୍ ସମସ୍ୟା ଦେଖାଦେଉଛି। ଅନ୍ୟପକ୍ଷେ ପାଣି ମୋଟରଗୁଡ଼ିକ ପୁରୁଣା ଯୋଗୁ ବାରମ୍ବାର ଅଚଳ ହୋଇ କାମ ମାଗୁଛି। ନୂଆ ମୋଟର ମିଳୁ ନ ଥିବାବେଳେ ପୁରୁଣାକୁ ସଜାଡି କାମ ଚଳାଉଛି। ମେକାନିକ ମିଳୁ ନ ଥିବାରୁ ପାଣି ସମସ୍ୟା ଉତ୍କଟ ହେଉଛି। ନୂଆ ମେଗା ପ୍ରକଳ୍ପର କାର୍ଯ୍ୟ ୬୦ ପ୍ରତିଶତ ଶେଷ ହୋଇଗଲାଣି। ଡିସେମ୍ବର ସୁଦ୍ଧା ଅବଶିଷ୍ଟ କାର୍ଯ୍ୟ ଶେଷ ହେବ। ଏଣୁ ନୟାଗଡ଼ ସହରରେ ଡିସେମ୍ବର ସୁଦ୍ଧା ନୂଆ ପ୍ରକଳ୍ପରୁ ପାଣି ଯୋଗାଣ ହେବା ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଶୁଭମ୍


@ ଲିପି


@ ସ୍ୱାଗତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ମଠଖଜୁରିଆରେ ଫସଲ ନଷ୍ଟ କଲେ ହାତୀପଲ

ନୟାଗଡ଼ ଅଫିସ/ଓଡ଼ଗାଁ,୧୫।୨(ସ୍ୱ.ପ୍ର.): ଓଡ଼ଗାଁ ଏନ୍‌ଏସି ଅଞ୍ଚଳରେ ୧୪ ଜଣିଆ ହାତୀପଲଙ୍କ ଉତ୍ପାତ ୨ ଦିନ ଧରି ଲାଗି ରହିଛି। ମଠଖଜୁରିଆର ଭଗବାନ ବାରିକଙ୍କ ୪ ଏକରର ମକା, କଦଳୀ, ନଡିଆ ଗଛ, ବାଇଗଣ ଗଛ ନଷ୍ଟ କରିବା ସହ ୨୦ ବସ୍ତା ଧାନ ଖାଇ ଦେଇଛନ୍ତି। ପାଣି ମଟର ନଷ୍ଟ କରି ଦେଇଛନ୍ତି। ମହେଶ୍ୱର ବାରକଙ୍କ କମା ଗଛ ନଷ୍ଟ କରିବା ସହ କାକୁଡି, ପଣସ ଗଛ ନଷ୍ଟ କରି ଦେଇଛନ୍ତି। ସୁରେନ୍ଦ୍ର ବାରିକଙ୍କ ୧ ଏକର ମକା ଗଛ ଓ ୫୦ କଦଳୀ ଗଛ ସହ ବାଇଥର ବାରିକଙ୍କ ୬୦ ବସ୍ତା ଧାନ ଖାଇ ଦେଇଛନ୍ତି।

### ଧାନ କଟ୍‌ନି ବିରୋଧରେ ସତ୍ୟାଗ୍ରହ

କବିସୂର୍ଯ୍ୟନଗର,୧୫।୨(ଡି.ଏନ.ଏ.): ରାଜ୍ୟରେ ମଣ୍ଡି ଦୁର୍ନୀତିକୁ ନେଇ ତାତିଛି ଭାଜପା। ଗଞ୍ଜାମ ଜିଲା ଓବିସି ମୋର୍ଚ୍ଚା ଜିଲା ସଂଯୋଜକ ଶ୍ୱେତ ଦୋରା ଓ ଭାଜପା ପୂର୍ବତନ ସାଙ୍ଗଠନିକ ଜିଲା ସଭାପତି ଉମା ପ୍ରଧାନଙ୍କ ନେତୃତ୍ୱରେ ସତ୍ୟାଗ୍ରହ କରି କବିସୂର୍ଯ୍ୟନଗର ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି ଭାଜପାର ଶତାଧିକ କର୍ମୀମାନେ। ସେମାନଙ୍କ ଦାବି ହେଲା କବିସୂର୍ଯ୍ୟନଗର ବ୍ଲକରେ ୧୭ ମଣ୍ଡିରେ ଅନାବଶ୍ୟକ ଭାବେ ଚାଷୀଙ୍କଠାରୁ ୪ ରୁ ୫ କେଜି ଧାନ କଟନୀ ଛଟିନି କରାଯାଉଛି। ଚାଷୀଙ୍କଠାରୁ ପ୍ରାୟ ୧ କୋଟି ୬୧ ଲକ୍ଷ ଟଙ୍କା ଠକି ନେଇଥିବା ଟଙ୍କା ଚାଷୀଙ୍କୁ ଯଦିଓ ଫେରା ନ ଯାଏ ଆଗାମୀ ଦିନରେ ଜିଲା ପ୍ରଶାସନକୁ କାଠଗଡାରେ ଠିଆ କରିବାକୁ ଭାଜପା ଚେତାବନୀ ଦେଇଛି।

# ଯୁବକ ସଂଘ ପକ୍ଷରୁ ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି


 କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ହୋଇଥିବା ଯୁବକ ଓ ଅନ୍ୟମାନେ।

ଖଣ୍ଡପଡ଼ା,୧୫।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ପୁଲ୍‌ୱାମା ଦିବସ ଉପଲକ୍ଷେ କ୍ୟାଣ୍ଡେଲ ଶୋଭାଯାତ୍ରା ସହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମହେନ୍ଦ୍ର ବାରିକ, ଅନୁପ ଶତପଥୀ, ସୁଶାନ୍ତ ମହାରଣା, ସତ୍ୟପ୍ରିୟ ଦାଶ, ପରମେଶ୍ୱର ମହାନ୍ତି, ନାଲୁ ମହାନ୍ତି, ବିଦ୍ୟାଧର ପ୍ରଧାନ, ଜିତେନ୍ଦ୍ର କାଟିଆ ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଖଣ୍ଡପଡ଼ା ରଥଗଡ଼ା ସାମନ୍ତ ଛକରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ସହରାଞ୍ଚଳ ପରିକ୍ରମା କରି ଶହୀଦମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ। ଏ ଅବସରରେ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତୀ ନିକଟରେ ଶହୀଦଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଇଥିଲା। ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଶହୀଦ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବା ସହ ପୁଲ୍‌ୱାମାରେ ଶହୀଦ ହୋଇଥିବା ଭାରତୀୟ ଯବାନମାନଙ୍କ ବଳିଦାନ ଯୁବ ସମାଜ ପାଇଁ ଏକ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଉପସ୍ଥିତ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଦେଶର ସୁରକ୍ଷା ପାଇଁ ପ୍ରତି ଭାରତୀୟ ସଦା ସର୍ବଦା ଜାଗ୍ରତ ରହିବାକୁ ମତ ପ୍ରକାଶ ପାଇଥିଲା।

# ସଡ଼କ ଦୁର୍ଘଟଣା, ଯୁବକ ମୃତ

ଖଣ୍ଡପଡ଼ା,୧୫।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ଥାନା କଣ୍ଟିଲୋ ପଞ୍ଚାୟତ ଫକୀର ଅତିବୁଦ୍ଧି ପାଟଣା ଗାଁର ଜଗନ ବେହେରା (୨୮)ଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତ୍ରୀରେ ଜଗନ କୌଣସି କାର୍ଯ୍ୟରେ ବାଇକ୍ ଯୋଗେ ନିକଟସ୍ଥ ପାଣ୍ଡୁସାହୁପାଟଣାକୁ ଯାଇ ନିଜ ଘରକୁ ଫେରୁଥିଲେ। ଶୁଳିଆ–କଣ୍ଟିଲୋ ଗ୍ରାମ୍ୟ ଉନ୍ନୟନ ବିଭାଗ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଏକ ଅଜଣା ଗାଡ଼ି ସହ ଧକ୍କା ହୋଇଥିଲା। ଖବରପାଇ ପରିବାର ଲୋକ ତାଙ୍କୁ ଆଶୁ ଚିକିତ୍ସା ନିମନ୍ତେ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ବୁଧବାର ହସ୍ତାନ୍ତର କରାଯାଇଥିଲା। ଏ ନେଇ କଣ୍ଟିଲୋ ଫାଣ୍ଡିର ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କଠାରୁ ଜଣାଯାଇଛି। ସୂଚନାଯୋଗ୍ୟ ମୃତ ଜଗନଙ୍କ ସ୍ତ୍ରୀ ସହ ଏକମାତ୍ର ୨ମାସର ପୁତ୍ର ସନ୍ତାନ ଅଛି। ଜଗନ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ ତାଙ୍କ ଅକାଳ ବିୟୋଗରେ ଗରିବ ଅସହାୟ ପରିବାର ହତାଶ ହୋଇ ପଡିଛନ୍ତି। ଗରିବ ପରିବାର ପ୍ରତି ସରକାରୀ ସହାୟତା ରାଶି ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

# ପ୍ରହଲ୍ଲାଦ ମହାବିଦ୍ୟାଳୟ ପରିସରରେ ତମାଖୁ ମୁକ୍ତ କାର୍ଯ୍ୟକ୍ରମ

ଭାପୁର,୧୫।୨(ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ପ୍ରହଲ୍ଲାଦ ମହାବିଦ୍ୟାଳୟ ପରିସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ତମାଖୁମୁକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ପୂର୍ଣ୍ଣିମା ଷଡଙ୍ଗୀଙ୍କ ଅଧକ୍ଷତାରେ ଏହା ପୂର୍ଣ୍ଣାଙ୍ଗ ରୂପରେଖ ନେଇଥିଲା। ଏଥିରେ ପିଏଚଇଓ ଅଶୋକ କୁମାର ସାହୁ, ସ୍ୱାସ୍ଥ୍ୟ ନିରୀକ୍ଷକ ନାରାୟଣ ଶୁକ୍ଳ, କଲେଜ ଅଧାପକ ଫକୀର ମୋହନ ସ୍ୱାଇଁ, ରମେଶ ଚନ୍ଦ୍ର ବରାଡ, ଅଧାପିକା କୃଷ୍ଣପ୍ରିୟା ମହାନ୍ତି, ବିନୟ କୁମାର ସାହୁ, ରଷି କୁମାର ବେହେରା, ରବୀନ୍ଦ୍ର କୁମାର ମଲ୍ଲ, ସରୋଜ କୁମାର ନାୟକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏଥିସହ ଭାପୁର ବ୍ଲକ ଗୋଳାପୋଖରୀ ଉଚ୍ଚ ବିଦ୍ୟାଳୟ, ରାକମା ସ୍ୱପ୍ନେଶ୍ୱର ଉଚ୍ଚ ବିଦ୍ୟାଳୟ, ବଡସହରା ଉଚ୍ଚ ବିଦ୍ୟାଳୟ, କରବର କପିଳାର୍ଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ନେଇ ତମାଖୁ ମୁକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# କେନ୍ଦ୍ର ସରକାର ବିରୋଧରେ ବିଜେଡିର ଆନ୍ଦୋଳନ


ଆନ୍ଦୋଳନରେ ସାମିଲ ହୋଇଥିବା ନେତା, କର୍ମୀମାନେ।

ଦଶପଲ୍ଲା,୧୫।୨ (ଡି.ଏନ.ଏ.)

ଓଡ଼ିଶାର ପ୍ରତ୍ୟେକ ଗରିବ ପରିବାରର ପେଟରୁ ୫ କିଗ୍ରା ଚାଉଳ କାଟିଥିବା କେନ୍ଦ୍ର ସରକାର ବିରୋଧରେ ଦଶପଲ୍ଲା ବ୍ଲକ ନିର୍ବାଚନ ମଣ୍ଡଳୀର ଡିହଗାଁ ପଞ୍ଚାୟତ କାର୍ଯ୍ୟାଳୟଠାରେ ଗଣ ବିକ୍ଷୋଭ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ ନଂ. ଜୋନର ଜିଲା ପରିଷଦ ସଭ୍ୟ ବସନ୍ତ ପ୍ରଧାନ, ଏନ୍‌ଏସି ଉପାଧକ୍ଷ କିଶୋର ଚନ୍ଦ୍ର ଦାଶ, ଡିହଗାଁ ପଞ୍ଚାୟତର ସମିତି ସଭ୍ୟ ଧ୍ରୁବଚରଣ ପ୍ରଧାନ, ସେବା ସମବାୟ ସମିତିର ସଭାପତି ବନ ବିହାରୀ ମୁଦୁଲିଙ୍କ ସମେତ ଅନ୍ୟ କର୍ମଚାରୀ ଓ ପଞ୍ଚାୟତର ଜନସାଧାରଣ ସାମିଲ ହୋଇଥିଲେ। ଆନ୍ଦୋଳନ ଡିହଗାଁ ପଞ୍ଚାୟତଠାରୁ ଆରମ୍ଭ କରି ଖଇରା ପଙ୍କାଳସାହି ପର୍ଯ୍ୟନ୍ତ ହୋଇଥିଲା।

# ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଦଳୀୟ ବ୍ୟାନର

ନୟାଗଡ ଅଫିସ,୧୫।୨

- ସୂଚନା ନ ଦେଇ ଖବରଦାତା ସମ୍ମିଳନୀ
- ପଚାରିବାରୁ କିଛି କହି ପାରିବେନି କହିଲେ ନିର୍ବାହୀ ଅଧିକାରୀ

ବିଜେଡି ବ୍ୟାନରରେ ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ବୁଧବାର ୩ ବିଧାୟକ ଖବରଦାତା ସମ୍ମିଳନୀ କରିଛନ୍ତି। ତେବେ ବିଜେଡି ପକ୍ଷରୁ ଖବରଦାତାମାନଙ୍କୁ ସୂଚନା ନ ଦେଇ ଖବରଦାତା ସମ୍ମିଳନୀ କରାଯିବା ପରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ କାର୍ଯ୍ୟାଳୟରେ ଦଳୀୟ ବ୍ୟାନରରେ ଖବରଦାତା ସମ୍ମିଳନୀ ସମ୍ପର୍କରେ ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ରଙ୍କୁ ଗଣମାଧ୍ୟମର ପ୍ରତିନିଧି ପଚାରିବାରୁ ସେ କିଛି କହି ପାରିବେନି କହି ପ୍ରସଙ୍ଗକୁ ଏଡାଇ ଯାଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଉପକୂଳବର୍ତ୍ତୀ ଜିଲା ସମେତ ନୟାଗଡ଼ ଜିଲାର ଡ୍ରେନେଜ ଉନ୍ନତି କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୨୦୦ କୋଟି ଟଙ୍କା ଅନୁମୋଦନ କରିଥିବାରୁ ଜିଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଉଦ୍ଦେଶ୍ୟରେ ସମ୍ମିଳନୀ କରାଯାଇଛି। ଏଥିରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ ପୋଷ୍ଟରରେ ମ୍ୟୁନିସିପାଲିଟିରେ ସଭା କରିବା କେତେଦୂର ଠିକ୍ ଗଣମାଧ୍ୟମର ଉତ୍ତରରେ ଜଣେ ବିଧାୟକ କହିଥିଲେ, ଆମେ ଏ ନେଇ ଅବଗତ ନ ଥିଲୁ। ଏପରି କରାଯିବା ଠିକ୍ ନୁହେଁ। ଆଗକୁ ଏପରି ନ ହେବା ପାଇଁ ଦୃଷ୍ଟି ଦିଆଯିବ। ଅନ୍ୟପକ୍ଷେ ଖବରଦାତାମାନଙ୍କୁ ଦଳୀୟ ଭିତ୍ତିରେ ସୂଚନା ନ ଦେଇ ଖବରଦାତା ସମ୍ମିଳନୀ କରିବା ନେଇ କେତେଜଣ ଖବରଦାତା ଅସନ୍ତୋଷ ବ୍ୟକ୍ତ କରି ଖବର ସଂଗ୍ରହ କରିବାକୁ ଯାଇ ନ ଥିଲେ।

# ସାହିତ୍ୟ ବୁଝିବା ପାଇଁ ବ୍ୟାକରଣ ନୁହେଁ ଶିହରଣ ଦରକାର

ନୟାଗଡ଼ ଅଫିସ,୧୫।୨

## ନୟାଗଡ଼ ପୁସ୍ତକ ମହୋତ୍ସବ, କ୍ୟାରିୟର ମେଳା ଉଦ୍‌ଘାଟିତ



ମହୋତ୍ସବ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ନୟାଗଡ଼ ପୁସ୍ତକ ମହୋତ୍ସବ ଓ କ୍ୟାରିୟର ମେଳା ବୁଧବାର ନୟାଗଡ଼ ପୁରୁଣାସହର ଦକ୍ଷିଣକାଳୀ ମନ୍ଦିର ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ନୟାଗଡ଼ ପୁସ୍ତକ ମହୋତ୍ସବ କମିଟି ଓ ଜିଲା ସଂସ୍କୃତି ପରିଷଦ ଆୟୋଜିତ କାର୍ଯ୍ୟକ୍ରମକୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ମୁଖ୍ୟ ଅତିଥି ଭାବେ ଖାତନାମା ସାହିତ୍ୟିକ ଗୌରହରୀ ଦାସ ଓ ସମ୍ମାନିତ ଅତିଥି ଭାବେ ନୟାଗଡ଼ ମ୍ୟୁନିସିପାଲିଟିର ଉପାଧକ୍ଷ ଗୁରୁପ୍ରସାଦ ଜେନା ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସାହିତ୍ୟ ସଭାରେ ନୟାଗଡ଼ର ଉନ୍ନତି କେବଳ ରାସ୍ତାଘାଟର ବିକାଶରେ ନୁହେଁ, ବରଂ ସାମାଜିକ, ସାଂସ୍କୃତିକ ଓ ସାହିତ୍ୟ କ୍ଷେତ୍ରରେ ହୋଇଛି ବୋଲି ଉପାଧକ୍ଷ ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟ ଅତିଥି ଦାସ କହିଥିଲେ, ନୟାଗଡ଼ ମାଟିରେ ବସ୍ତୁ ଅପେକ୍ଷା ଭାବକୁ ବେଶୀ ଗୁରୁତ୍ୱ ଦିଆଯାଇଥାଏ। ଶବ୍ଦ ଏଭଳି ଏକ ଶସ୍ତ୍ର, ଯାହା ଅନ୍ୟାୟସରେ ମଣିଷକୁ ଲହୁଲୁହାଣ ଓ ମିତ୍ରତା ସୃଷ୍ଟି କରିଥାଏ। ଶବ୍ଦର ସାମର୍ଥ ଏପରି ଯେ, ବିଛଣା ଧରିଥିବା ଲୋକ ଶକ୍ତ ହୋଇ ଉଠେ। ସେହିଭଳି ସାହିତ୍ୟ ବୁଝିବା ପାଇଁ ବ୍ୟାକରଣ ନୁହେଁ ଶିହରଣ ଦରକାର ହୁଏ ବୋଲି କହିଥିଲେ। ବହିର ଆବଶ୍ୟକତା ବିଷୟରେ ବୁଝାଇବାକୁ ଯାଇ ମହାଭାରତର ଟିପ୍ପଣୀ ଦେଇଥିଲେ। ବହି ଦ୍ୱାରା ସମାଜ କିଭଳି ଆଗକୁ ଯିବ ତାହା ମଧ କହିଥିଲେ। ବିଧାୟକ ସାହୁ ତାଙ୍କ ବକ୍ତବ୍ୟରେ ସମାଜରେ ମହୁମାଛିଙ୍କ ସଂଖ୍ୟା କମ ଓ ମଶାଙ୍କ ସଂଖ୍ୟା ଅଧିକ ବୋଲି କହିଥିଲେ। ଏଥିରେ ନୟାଗଡ଼ର ବହୁ କବି ଓ ସାହିତ୍ୟିକଙ୍କ ଉପାଦେୟ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କବି ଶେଖ୍ ଅବଦୁଲ୍ ଖାଲିକ ମହୋତ୍ସବକୁ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଧୀରେନ୍ଦ୍ର ପଟ୍ଟନାୟକ, ସଞ୍ଜୟ କୁମାର ସ୍ୱାଇଁ, ଅନୀଲ କୁମାର ପଣ୍ଡା, ଶରତ ଚନ୍ଦ୍ର ଆଚାର୍ଯ୍ୟ, ବିଶ୍ୱଜିତ ନାୟକ, ବିଭୂତି ଭୂଷଣ ସ୍ୱାଇଁ, ନିହାର ପଟ୍ଟନାୟକ, ଅବିନାଶ ସାହୁ, ସଞ୍ଜୟ ସୁବୁଦ୍ଧି ପ୍ରମୁଖ ପରିଚାଳନା କରିଥିଲେ।

